### ନାଇଜରର ୧୩ତମ ଦୀକ୍ଷାନ୍ତ ସମାରୋହରେ ରାଷ୍ଟ୍ରପତିଙ୍କ ଉଦ୍‌ବୋଧନ

# ମାନବିକତାର ପ୍ରଗତି ପାଇଁ ଅର୍ଥପୂର୍ଣ୍ଣ ଶିକ୍ଷା ଆବଶ୍ୟକ

- ◢ ନମ୍ର, ଅନୁସନ୍ଧିତ୍ସୁ ହୁଅ
- ◢ ନୂତନ ବୈଷୟିକ ବିକାଶ ମାନବ ସମାଜକୁ ସାମର୍ଥ୍ୟ ଦେଉଛି
- ◢ ନୂତନ ପିଢ଼ି ସ୍ୱଦେଶୀ ଜ୍ଞାନକୁ ପୁନର୍ଜୀବିତ କରିବା ଆବଶ୍ୟକ




ଭୁବନେଶ୍ୱର,୯।୭(ବ୍ୟୁରୋ): ଅର୍ଥପୂର୍ଣ୍ଣ ଶିକ୍ଷା ଓ ଜ୍ଞାନ ହିଁ ମାନବିକତାର ପ୍ରଗତି ପାଇଁ ବ୍ୟବହୃତ ହୋଇଥାଏ। ଯେଉଁଠି ବି କାମ କର, ସେ କ୍ଷେତ୍ରରେ ଶ୍ରେଷ୍ଠତା ହାସଲ କରିବା ଆବଶ୍ୟକ। କର୍ମକ୍ଷେତ୍ରରେ ସଫଳତା ସାଙ୍ଗକୁ ସାମାଜିକ କର୍ତ୍ତବ୍ୟକୁ ମଧ୍ୟ ସଂପୂର୍ଣ୍ଣ ଉତ୍ତରଦାୟିତ୍ୱ ସହ ନିର୍ବାହ କରିବା ଉଚିତ। ମଙ୍ଗଳବାର ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ (ନାଇଜର)ର ତ୍ରୟୋଦଶ ଦୀକ୍ଷାନ୍ତ ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ ଏପରି କହିଛନ୍ତି।

ରାଷ୍ଟ୍ରପତି କହିଛନ୍ତି, ସର୍ବଦା ନିଜ ଭିତରେ ନମ୍ରତା ଓ ଅନୁସନ୍ଧିତ୍ସୁ ଭାବନା ବଜାୟ ରଖ। ନିଜ ଜ୍ଞାନକୁ ଏକ ସାମାଜିକ ଉଦ୍ୟୋଗ ଭାବରେ ବିଚାର କରି ସମାଜ ଓ ଦେଶର ବିକାଶ ପାଇଁ ବ୍ୟବହାର କରିବା ଆବଶ୍ୟକ। ରାଷ୍ଟ୍ରପତି ଆହୁରି କହିଛନ୍ତି, ମହାତ୍ମା ଗାନ୍ଧି ୭ଟି ସାମାଜିକ ପାପର ସଂଜ୍ଞା ଦେଇଛନ୍ତି। ସେଥିରୁ ଗୋଟିଏ ହେଉଛି ନିଷ୍ଠୁର ବିଜ୍ଞାନ। ଅର୍ଥାତ୍ ମାନବିକତା ପ୍ରତି ସମ୍ବେଦନଶୀଳ ବିନା ବିଜ୍ଞାନକୁ ପ୍ରୋତ୍ସାହନ ଦେବା ପାପ କରିବା ସହ ତୁଳନୀୟ। ଗାନ୍ଧିଜୀଙ୍କ ଏହି ବାର୍ତ୍ତାକୁ ସର୍ବଦା ମନେ ରଖିବା ଦରକାର।

ବିଜ୍ଞାନର ବରଦାନ ସହିତ ଅଭିଶାପର ବିପଦ ରହିଛି। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଦ୍ରୁତ ପରିବର୍ତ୍ତନ ଘଟୁଛି। ନୂତନ ବୈଷୟିକ ବିକାଶ ମାନବ ସମାଜକୁ ସାମର୍ଥ୍ୟ ପ୍ରଦାନ କରୁଛି। କିନ୍ତୁ ଏହା ମାନବିକତା ପାଇଁ ନୂତନ ଆହ୍ୱାନ ମଧ୍ୟ ସୃଷ୍ଟି କରୁଛି। ସିଆର୍‌ଆଇଏସ୍‌ପିଆର୍-ସିଏଏସ୍ ଭଳି ଜିନ୍ ଏଡିଟିଂକୁ ବହୁତ ସହଜ କରିଛି। ଅନେକ ଦୁରାରୋଗ୍ୟ ରୋଗର ସମାଧାନ ଦିଗରେ ଏହି ଟେକ୍ନୋଲୋଜି ଏକ ବଡ଼ ପଦକ୍ଷେପ। ଏହି ଜ୍ଞାନକୌଶଳର ବ୍ୟବହାର ଯୋଗୁଁ ନୈତିକ ଓ ସାମାଜିକ ସମସ୍ୟା ମଧ୍ୟ ଉପୁଜୁଛି। ଜେନେରେଟିଭ୍ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ କ୍ଷେତ୍ରରେ ଉନ୍ନତି ପାଇଁ ଡିପ୍ ଫେକ୍ ସମସ୍ୟା ଓ ଅନେକ ନିୟାମକ ଆହ୍ୱାନ ସାମ୍ନାକୁ ଆସିଛି।

ନାଇଜରର ଯାତ୍ରା ଅଳ୍ପ କିଛି ବର୍ଷ ତଳୁ ଆରମ୍ଭ ହୋଇଛି। କିନ୍ତୁ କମ୍ ସମୟ ମଧ୍ୟରେ ଏହା ଶିକ୍ଷା ଜଗତରେ ନିଜ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ସୃଷ୍ଟି କରିଛି। ମୌଳିକ ବିଜ୍ଞାନ କ୍ଷେତ୍ରରେ ପରୀକ୍ଷଣ ଓ ଗବେଷଣା ଫଳାଫଳ ପାଇବା ପାଇଁ ବହୁ ସମୟ ଲାଗିଯାଏ।

କାର୍ଯ୍ୟକ୍ରମରେ ରାଜ୍ୟପାଳ ରଘୁବର ଦାସ କହିଥିଲେ, ଆମର ପାରମ୍ପରିକ ବୈଜ୍ଞାନିକ ଜ୍ଞାନର ଏକ ଅଦ୍ଭୁତଐତିହ୍ୟ ରହିଛି। ଯାହାର ସଂପୂର୍ଣ୍ଣ ବ୍ୟବହାର କରାଯାଇ ନାହିଁ। ନୂଆ ପିଢ଼ି ସ୍ୱଦେଶୀ ଜ୍ଞାନକୁ ପୁନର୍ଜୀବିତ କରିବା ଆବଶ୍ୟକ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ, ଓଡ଼ିଶାରେ ପ୍ରତିଷ୍ଠିତ ଅନ୍ତର୍ଜାତୀୟ ସ୍ତରର ଏହି ପ୍ରମୁଖ ବିଜ୍ଞାନ ପ୍ରତିଷ୍ଠାନକୁ ରାଜ୍ୟ ସରକାରଙ୍କ ସହଯୋଗ ଅତୁଟ ରହିବ।

କାର୍ଯ୍ୟକ୍ରମରେ କେନ୍ଦ୍ର ପରମାଣୁ ଉର୍ଜା ବିଭାଗର ସଚିବ ତଥା ନାଇଜର ପରିଚାଳନା କମିଟି ଅଧ୍ୟକ୍ଷ ପ୍ରଫେସର ଅଜିତ୍ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ୧୧ ଜଣ ଶିକ୍ଷାର୍ଥୀଙ୍କୁ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଦିଆଯାଇଥିଲା। ସବୁ ବିଭାଗରେ ପାରଦର୍ଶିତା ପ୍ରଦର୍ଶନ କରିଥିବା ପ୍ରଣୟ ମହାନ୍ତିଙ୍କୁ ସର୍ବୋଚ୍ଚ ସ୍ୱର୍ଣ୍ଣ ପଦକ ଦିଆଯାଇଥିଲା। ନିର୍ଦ୍ଦେଶକ ପ୍ରଫେସର ହିରେନ୍ଦ୍ର ନାଥ ଘୋଷ ସ୍ୱାଗତ ଭାଷଣ ଦେଇଥିଲେ। କୁଳସଚିବ ଡ. ଅଭୟ କୁମାର ନାୟକ, ଡ. ପ୍ରଣୟ ସ୍ୱାଇଁ, ଡ. ଦେବସ୍ମିତା ଆଲୋନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

SCAN ME

ARTICLE PUBLISHED IN: THE PRAMEYA, BHUBANESWAR EDITION, 10.07.2024, PAGE NO. 6

ପ୍ରମେୟ THE PRAMEYA